




# ଭାରତ-ଆମେରିକା ସମ୍ପର୍କକୁ ବାନ୍ଧିରଖିଛି ସାମାଜିକ ନ୍ୟାୟ: ଆମେରିକା ଦୂତାବାସ

Published 11-Dec-2017 11:55 IST | Updated 12:29 IST

Share | Tweet | +1 | Mail | Print | A | A



ଫଟୋ ସୌଜନ୍ୟ-ଇୟାହୁଇଣ୍ଡିଆ ଇଂରାଜୀ

*ନୂଆଦିଲ୍ଲୀ: ବିଶ୍ୱର ସବୁଠାରୁ ବଡ ଗଣତନ୍ତ୍ରର ମନ୍ଦିର ଭାବେ ପରିଚିତ ଭାରତ। ସେହିପରି ବିଶ୍ୱର ସବୁଠାରୁ ପୁରୁଣା ଗଣତନ୍ତ୍ର ଭାବେ ପରିଚିତ ଆମେରିକା। ଏହି ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ପର୍କ ଅନ୍ୟ ପାଇଁ ଉଦାହରଣ। ସାମାଜିକ ନ୍ୟାୟ ଏହି ଦୁଇ ମହାନ ଗଣତନ୍ତ୍ର ଦେଶର ଆଧାର ମଜଭୁତ କରିଛି ବୋଲି ଭାରତ ଗସ୍ତରେ ଥିବା ଆମେରିକା ଦୂତାବାସର ଉପାଧ୍ୟକ୍ଷ ( Deputy Chief of Mission) ମାର୍କେକେ ଏଲ କାର୍ଲସନ ପ୍ରକାଶ କରିଛନ୍ତି।*

" ସାମାଜିକ ନ୍ୟାୟ ପ୍ରତି ଦେଶବାସୀଙ୍କ ପ୍ରତିଶ୍ରୁତିବଦ୍ଧତା ଦେଶର ସମସ୍ତ ନାଗରିକଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଛି। ଭାରତ ଓ ଆମେରିକାର ନାଗରିକଙ୍କ ମଧ୍ୟରେ ଥିବା ଅତୁଳନୀୟ ସମ୍ପର୍କ ପ୍ରାକୃତିକ। ଉଭୟ ଦେଶର ନାଗରିକ ପରସ୍ପରକୁ ସାହାଯ୍ୟ ଓ ସହଯୋଗ ସମ୍ପର୍କକୁ ଆଗେଇ ନେଉଛନ୍ତି", ବୋଲି କାର୍ଲସନ ବର୍ଣ୍ଣନା କରିଛନ୍ତି।

ସେ ମଧ୍ୟ ପୁଣି କହିଛନ୍ତି, ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଏବଂ ସର୍ବପୁରାତନ ଗଣତନ୍ତ୍ର ଭାରତ-ଆମେରିକା ମଧ୍ୟରେ ଏକ ପ୍ରାକୃତିକ ତାଳମେଳ ରହିଛି। ଫଳରେ ଏହି ବନ୍ଧନ ଦ୍ୱିପାକ୍ଷିକ ସମ୍ପର୍କରେ ଦିନକୁ ଦିନ ମଜଭୁତ କରୁଛି।

ତେବେ ତାଙ୍କର ଏହି ମତାମତକୁ ପ୍ରଶଂସା କରି ଦିଲ୍ଲୀ ସାମାଜିକ କର୍ମୀ ସଂଗଠନର ସଭାପତି ଗୌରବ ଗ୍ରୋଭର କହିଛନ୍ତି, ଆମେ ଏହି ସାମାଜିକ ସଂଗଠନ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ଏବଂ ଆଗକୁ ଦୁଇ ଦେଶର ଦ୍ୱିପାକ୍ଷିକ ସମ୍ବନ୍ଧ ଦୃଢ ହେବା ଉପରେ ଦୃଷ୍ଟିନିବଦ୍ଧ କରିଛୁ।

Share | Tweet | +1 | Mail | Print | A | A




